(14)

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.21 . No.40 Bhubaneswar Monday, March 19 2018 | ୨୧ମ ବର୍ଷ ସଂଖ୍ୟା-୪୦ ଭୁବନେଶ୍ୱର ସୋମବାର, ମାର୍ଚ୍ଚ ୧୯, ୨୦୧୮ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS

# ଭୁବନେଶ୍ୱର ଏସଡିଆଇ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଦେଶରେ ପ୍ରଥମ ଦକ୍ଷତା ବିକାଶ ସଂସ୍ଥାନ ହେବ : ରାଷ୍ଟ୍ରପତି

ଭୁବନେଶ୍ୱର, (ପିଏନ୍) :ଆଇଆଇଟି ଭୁବନେଶ୍ୱରର ସମାବର୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଇନଷ୍ଟିଚ୍ୟୁଟ ଅଫ କେମିକାଲ ଟେକ୍ନୋଲଜି (ଆଇସିଟି) ମୁମ୍ବାଇ – ଇଣ୍ଡିଆନ ଅଏଲ କ୍ୟାମ୍ପସର ଶୁଭ ଉଦଘାଟନ ଓ ସ୍କିଲ ଡେଭଲପମେଂଟ ଇନଷ୍ଟିଚ୍ୟୁଟ (ଏସଡିଆଇ) ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପର ଭିତିପ୍ରସ୍ତର ସ୍ଥାପନା କରିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯେ ସ୍କିଲ ଡେଭଲପମେଂଟ ଇନଷ୍ଟିଚ୍ୟୁଟ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଦେଶରେ ପ୍ରଥମ ଏପରି ଇନଷ୍ଟିଚ୍ୟୁଟ ହେବ ଓ ଏହା ଆଗାମୀ ଦଶ ବର୍ଷରେ ୫୦ ହଜାର ଯୁବକଙ୍କୁ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରଖା ଯାଇଥିବା ଜାଣି ସେ ଅତ୍ୟନ୍ତ ଖୁସୀ ବୋଲି ସେ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଦୁଇଟି ଅନୁଷ୍ଠାନ ଓଡିଆ ଯୁବ ପୀଢୀଙ୍କ ପାଇଁ ଉତମ ତାଲିମ ଆଧାରରେ ରୋଜଗାର ଓ ଉଦ୍ୟମୀ ହେବାର ବ୍ୟାପକ ସୁବିଧା ଉପଲବ୍ଧ କରାଇବ ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଆଇସିଟି ମୁମ୍ବାଇ – ଇଣ୍ଡିଆନ ଅଏଲ କ୍ୟାମ୍ପସ ଓ ଏସଡିଆଇ କ୍ୟାମ୍ପସ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଉଦ୍ୟମରେ ଓଡିଶାରେ ସ୍ଥାପିତ ହେଉଛି । ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଦେଶର ଅଗ୍ରଣୀ ଅନୁଷ୍ଠାନ ଆଇସିଟି ମୁମ୍ବାଇର ଓଡିଶା କ୍ୟାମ୍ପସ ଏହାର ଶିକ୍ଷାର୍ଥୀଙ୍କ ପାଇଁ ବଡ ସୁଯୋଗ ଉପଲବ୍ଧ କରାଇବ ।

ସମଗ୍ର ବିଶ୍ୱ ଓ ଦେଶରେ ପଲିମରର ଚାହିଦା ଦୃତ ବେଗରେ ବଢି ଚାଲିଛି । ଭାରତରେ ତୈଳ ବିଶୋଧନ କ୍ଷମତା ବାର୍ଷିକ ୨୪୭ ମିଲିୟମ ମେଟ୍ରିକ ଟନ ହୋଇଥିବା ବେଳେ ଦେଶରେ ମୋଟ ୧୯୪ ମିଲିୟନ ମେଟ୍ରିକ ଟନ ବାର୍ଷିକର ଚାହିଦା ରହିଛି । ପେଟ୍ରୋଲିୟମ ଉତ୍ପାଦର ରପ୍ତାନୀ କରୁଥିବା ଭାରତ ପାଖରେ ପ୍ରଚୁର ମାତ୍ରାରେ ପେଟ୍ରୋ କେମିକାଲ ଉତ୍ପାଦର ମୂଲ୍ୟ ଯୁକ୍ତ କରିବା ପାଇଁ ବ୍ୟାପକ ମାତ୍ରାରେ ନାଫତା ଉପଲବ୍ଧ ରହିଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱରେ ମୁଣ୍ଡ ପିଛା ପଲିମର ଆବଶ୍ୟକତା ୩୨ କେଜି ଥିବା ବେଳେ ଭାରତରେ ୧୦ କେଜି ଓ ଓଡିଶା ଓ ପଶ୍ଚିମ ବଙ୍ଗ ଭଳି ପୂର୍ବ ଭାରତ ରାଜ୍ୟରେ ରାଷ୍ଟ୍ରୀୟ ହାରାହାରି ବ୍ୟବହାର ଠାରୁ ଅଧା ରହିଛି । ପୂର୍ବ ଭାରତ ଓ ଦେଶରେ ପଲିମର ଚାହିଦା ଦୃତ ବୃଦ୍ଧି ଦୃଷ୍ଟିରୁ ପେଟ୍ରୋକେମିକାଲ ଶିଳ୍ପ ଦୃତ ବଢିବ । ଏହି ସମୟରେ ଓଡିଶାରେ ଆଇସିଟି – ଇଣ୍ଡିଆନ ଅଏଲ କ୍ୟାମ୍ପସ ଏହି ଶିଳ୍ପକୁ ଦୃତ ଗତି ଦେବା ପାଇଁ ଉତମ ମାନବ ସମ୍ବଳ ଯୋଗାଇବ ।

ଡିଲୋଆଇଟ ଦ୍ୱାରା କରା ଯାଇଥିବା ଏକ ଆକଳନ ଅନୁସାରେ ପୂର୍ବ ଭାରତରେ ଟେକ୍ସଟାଇଲ ଓ ପଲିମର କ୍ଲଷ୍ଟରର ବିକାଶରେ ୨୦୩୦ ମସିହା ସୁଦ୍ଧା ୩୦ ହଜାର କୋଟି ଟଙ୍କାର ପୁଂଜି ନିବେଶ ସହ ୨୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ପାରାଦୀପର ତୈଳ ବିଶୋଧନାଗାର, ପେଟ୍ରୋ କେମିକାଲ ପ୍ରକଳ୍ପ ସମୂହ, ପଲି ପ୍ରପଲିନ, ଏମଇଜି ଓ ପିଏକ୍ସ ପିଟିଏ ପ୍ରକଳ୍ପ ଗୁଡିକ ପୂର୍ବ ଭାରତ ବିଶେଷ କରି ଓଡିଶାରେ ପେଟ୍ରୋ କେମିକାଲ ଡାଉନ ଷ୍ଟ୍ରିମ ଶିଳ୍ପ ବିକାଶରେ ଉତପ୍ରେରକ ଭୂମିକା ନେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଇସିଟି - ଆଇଓସି କ୍ୟାମ୍ପସରେ ୫ ଶହ କୋଟି ଟଙ୍କା ବ୍ୟୟରେ ଏହି ଅତ୍ୟାଧୁନିକ କ୍ୟାମ୍ପସ ଗଢି ଉଠିବ । ଭାରତୀୟ ତୈଳ ନିଗମ ଶିଳ୍ପ ସହଯୋଗୀ ଭାବରେ ଛାତ୍ର-ଛାତ୍ରୀ ମାନଙ୍କୁ ସହଯୋଗ ଯୋଗାଇ ଦେବା ବେଳେ ଏହି କ୍ୟାମ୍ପସ ବୌଦ୍ଧିକ ମେରୁଦଣ୍ଡର କାମ କରିବ ।



ଏହା ସହ ଅସ୍ଥାୟୀ ଭାବେ ଚାଲୁଥିବା ଏସଡିଆଇ କ୍ୟାମ୍ପସ ୫ ଶହ କୋଟି ଟଙ୍କା ବ୍ୟୟରେ ଜଟଣୀର ତରାବୋଇ ଠାରେ ପ୍ରତିଷ୍ଠିତ ହୋଇ ଯୁବ ପୀଢୀକୁ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଦକ୍ଷତା ବିକାଶ, ନିଯୁକ୍ତି ଓ ଉଦ୍ୟମିତାର କେନ୍ଦ୍ର ସ୍ଥଳ ହୋଇ ପାରିବ । ୨୦୨୦ ମସିହା ସୁଦ୍ଧା ଭାରତର ହାରାହାରି ବୟସ ୨୯ ବର୍ଷ ହେଉଥିବା ବେଳେ ଏହା ପୃଥିବୀର ସବୁଠୁ ଯୁବ ଦେଶର ମାନ୍ୟତା ପାଇବ । ଏହି ଯୁବ ଜନ ସଂଖ୍ୟାର ଲାଭ ଦେଶର ଅର୍ଥନୀତି ଯେପରି ଉଠାଇ ପାରିବ ସେଥି ପାଇଁ ଓଡିଶାରେ ଏହି ଦୁଇଟି ଶିକ୍ଷାନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି । ଶ୍ରୀ ପ୍ରଧାନ ଓଡିଶାରେ ଅପାର ସମ୍ଭାବନା ଥିବା ସତ୍ୱେ ଡିସେମ୍ବର ୨୦୧୩ରେ ଆନ୍ଧ୍ରର ଠିକାଦାର ଦ୍ୱାରା ଦୁଇ ଓଡିଆ ଯୁବକଙ୍କ ଡାହାଣ ହାତକୁ କାଟି ଦିଆ ଯାଇଥିଲା । ଓଡିଆ ଯୁବକ ମାନେ ଦୂରଦୂରାନ୍ତକୁ ଯାଇ କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ । ମାତ୍ର ଉପଯୁକ୍ତ ତାଲିମ ଅଭାବରେଭାରତର ଅନ୍ୟାନ୍ୟ ରାଜ୍ୟ ହେଉ ବା ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସମୂହ ଓଡିଆ ମାନଙ୍କୁ ଗୋଟି ଶ୍ରମିକ ଭଳି ବ୍ୟବହାର କରା ଯାଉଛି ।

ଅପର ପକ୍ଷରେ ରାଜସ୍ଥାନର ଜସେଲମେର ଠାରେ ଓଡିଶାର ଗାଁ ସ୍କୁଲରେ ପାଠ ପଢିଥିବା ଏକ ପିଲା ହୋଟେଲ ମ୍ୟାନେଜମେଂଟ ଟ୍ରେନିଂ ନେଇ ରାଜସ୍ଥାନୀ ଖାଦ୍ୟ ପେୟର ଉପାଦାନ ଗୁଡିକ ସମ୍ପର୍କରେ ବିଦେଶୀ ପର୍ଯ୍ୟଟକ ମାନଙ୍କୁ ବହୁତ ସୁନ୍ଦର ଭାବରେ ବୁଝାଉଥିବାର ଦେଖି ସେ ପିଲା ସହିତ କଥା ହୋଇଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଗତ ବର୍ଷ କାଜାକିସ୍ତାନ ଗସ୍ତ ସମୟରେ ଓଡିଶାର ଏକ ସାଧାରଣ କଲେଜରୁ ପାସ କରିଥିବା ଏକ ଯୁବକ ଲକ୍ଷ ଲକ୍ଷ ଡଲାର ତୈଳ ସେବାକାରୀ ଭାବେ କାମ କରିବା ଓଡିଆ ଯୁବକର କରିବାର ଇଚ୍ଛା ଶକ୍ତିକୁ ସ୍ପଷ୍ଟ କରୁଛି ବୋଲି ଶ୍ରୀ ପ୍ରଧାନ କହିଥିଲେ । ଭାରତର ଦକ୍ଷତା ବିକାଶ କେନ୍ଦ୍ର ଗୁଡିକ ଶିଳ୍ପର ଆବଶ୍ୟକତା ଉପଯୋଗୀ ହେବା ଦରକାର । ଓଡିଶାରେ ପର୍ଯ୍ୟଟନ ଶିଳ୍ପର ବ୍ୟାପକ ସମ୍ଭାବନା ପରିପ୍ରେକ୍ଷୀରେ ଭାରତର କେରଳ ବା ରାଜସ୍ଥାନ ପରି ରାଜ୍ୟ ହେଉ ଅଥବା ବାଲି ବା ଶ୍ରୀଲଙ୍କାରେ ପର୍ଯ୍ୟଟନର ନୂଆ ପ୍ରୟୋଗ ସମ୍ପର୍କରେ ପ୍ରଶିକ୍ଷିତ ହେବା ଜରୁରୀ । ବାଲି ଠାରେ ଧାନ ବିଲ ରେଷ୍ଟୁରାଂଟରେ ପର୍ଯ୍ୟଟକଙ୍କ ଭୀଡର ଉଦାହରଣ ଦେଇ ଏକ ଛୋଟିଆ ନୂଆ ଆଇଡିଆ ବ୍ୟାପକ ସଫଳତାରେ ପରିବର୍ତନ ହୋଇ ପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ମହାମହିମ ରାଷ୍ଟ୍ରପତି ତାଙ୍କର ଦୁଇ ଦିନିଆ ଗସ୍ତରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ର ଛାତ୍ରୀ ମାନଙ୍କ ସହ ଭାବର ଆଦାନ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତିଙ୍କ ଏହି ଗସ୍ତ ଓଡିଆ ଯୁବ ପୀଢୀଙ୍କ ପାଇଁ ବିଶେଷ ଭାବେ ସମର୍ପିତ ଥିଲା ବୋଲି କୁହା ଯାଇ ପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଛାତ୍ର ଛାତ୍ରୀ ମାନେ ବିଫଳତାରେ ପ୍ରଭାବିତ ହେବା ବଦଳରେ ବିଫଳତା ହିଁ ଆହୁରି ବୁଦ୍ଧିମତା ସହ ନୂଆ କରି ଆରମ୍ଭ କରିବାର ସୁଯୋଗ ଦିଏ ବୋଲି ହେନରୀ ଫୋର୍ଡଙ୍କ ଏହି କାଳଜୟୀ ପରାମର୍ଶକୁ ପାଥେୟ କରନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଶ୍ରୀକ୍ଷେତ୍ର ପୁରୀ ସର୍ବଧର୍ମ ସମନ୍ୱୟର କ୍ଷେତ୍ର

ପୁରୀ, ୧୮ ମାର୍ଚ୍ଚ (ହି.ସ.)- ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆଜି ସକାଳେ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ପୁରୀରେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ସଦାଶିବର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ସେ ତାଙ୍କ ଅଭିଭାଷଣ ଆରମ୍ଭରେ ପ୍ରଥମେ ଆଜି ଚୈତ୍ର ପ୍ରତିପଦା ହିନ୍ଦୁ ନବବର୍ଷ ଉପଲକ୍ଷେ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ଆଜି ସକାଳେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନାର ସୌଭାଗ୍ୟ ମିଳିଲା, ସେ ସେଠାରେ ଦେଶବାସୀଙ୍କ ସୁଖ ସମୃଦ୍ଧି ଓ ମଙ୍ଗଳମୟ ଜୀବନ କାମନା କରି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଥିଲେ । ଅନ୍ୟପକ୍ଷରେ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ନବକଳେବର ୨୦୧୫ ସ୍ମାରକୀ ଉପଲକ୍ଷେ ନବକଳେବର ମୁଦ୍ରାକୁ ଉନ୍ମୋଚନ କରିଥିଲେ । ସେ କହିଥିଲେ ଯେ, ଭାରତ ସରକାରଙ୍କ ଦ୍ୱାରା ଏହି ମୁଦ୍ରା ପ୍ରଚଳନ ଏକ ଅଭିନବ ଉଦ୍ୟମ । ପୁରୀ ଶ୍ରୀ ଜଗନ୍ନାଥ ଧାମରେ ଲୋକମାନେ ଏବଂ ଛାତ୍ରଛାତ୍ରୀମାନେ ଏକାଧିକ ଭାଷା ଇଂରାଜୀ, ହିନ୍ଦି ଓ ସଂସ୍କୃତରେ କହିପାରନ୍ତି ଓ ବୁଝି ପାରନ୍ତି ବୋଲି ତାଙ୍କର ହୃଦବୋଧ ହୋଇଛି । ଏହି ତିନୋଟି ଭାଷାରେ ବକ୍ତବ୍ୟ ରଖୁଥିବା ବେଳେ ସିଧାସଳଖ କରତାଳିରୁ ଏହା ସ୍ପଷ୍ଟ ହୋଇଛି । ସଂସ୍କୃତ ଭାଷା ଦେବଭାଷା, ଜ୍ଞାନ ବିଜ୍ଞାନ ସଂସ୍କୃତ ଭାଷା ଯୋଗୁଁ ଆଗକୁ ବଢିଛି । ଅଧିକ ଭାଷା ଜାଣିବା ଓ ଶିଖିବା ବିଦ୍ୱାନର ପରିଚୟ ଦିଏ । ଭାରତରେ ସଂସ୍କୃତ ଭାଷାକୁ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ବଂଚାଇ ରଖିଥିବାରୁ ସେ ଅନୁଷ୍ଠାନକୁ ବଧାଇ ଜଣାଇଥିଲେ । ପୁରୀ ହେଉଛି ବିଦ୍ୟାନଗରୀ, ପୂର୍ବ ଭାରତର କାଶୀ ପରି ଏଠାରେ ବିଦ୍ୱାନ ଅଛନ୍ତି । ସେଥିପାଇଁ ଶଙ୍କରାଚାର୍ଯ୍ୟ, ଆଦି ଶଙ୍କରାଚାର୍ଯ୍ୟ ଚାରିଧାମ ମଧ୍ୟରୁ ପୁରୀ ଧାମକୁ ଶ୍ରେଷ୍ଠ ଧାମ ଭାବେ ବାଛିଥିଲେ । ଏହି ସ୍ଥାନକୁ ନାନକ, ଚୈତନ୍ୟଙ୍କ ଭଳି ବହୁ ମୁନିଋଷି ଆସିଛନ୍ତି । ସମସ୍ତ ଧର୍ମର ଲୋକେ ଏଠାକୁ ଆସୁଥିବାରୁ ଶ୍ରୀକ୍ଷେତ୍ର ପୁରୀ ଏକ ସର୍ବଧର୍ମ ସମନ୍ୱୟର କ୍ଷେତ୍ର ହୋଇଛି । ସଂସ୍ଥାନର ପ୍ରାଚାର୍ଯ୍ୟ ଅତୁଲ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ରାଜ୍ୟପାଳ ଏସ.ସି. ଜମୀର, ଗଜପତି ମହାରାଜା ଦିବ୍ୟସିଂହଦେବ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ସଂସ୍ଥାର ଦିଲ୍ଲୀ କୁଳପତି ପ୍ରଫେସର ପି.ଏନ. ଶାସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଅପରାହ୍ନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତର ପ୍ରତିଷ୍ଠିତ ୯ଜଣ ବିଦ୍ୱାନ ସଂସ୍କୃତ ପଣ୍ଡିତଙ୍କୁ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ କିସ୍ ର କୁଳପତି ଡଃ ପ୍ରଫେସର ହରେକୃଷ୍ଣ ଶତପଥୀ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ନୀଳକଣ୍ଠ ପତି, ପ୍ରଫେସର ରମେଶ ଚନ୍ଦ୍ର ପଣ୍ଡା, ପ୍ରଫେସର ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରଫେସର କିଶୋର ଚନ୍ଦ୍ର ପାଢୀ, ପ୍ରଫେସର ଆଦିତ୍ୟ ଚନ୍ଦ୍ର ଧଳ, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ଏବଂ ଡଃ ହରିହର ଝା ।